## ଚିପ୍ସ ବୋଝେଇ ହାଇୱା ଜଳିଗଲା

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ୫୩ ନଂ ରାଜ୍ୟ ରାଜପଥର ଘସିପୁରା ବ୍ଲକ ବିରୋଚିନପୁର ପଞ୍ଚାୟତ ଭଦ୍ରକ -କରଞ୍ଜିଆ ରାସ୍ତାର ଗୋହିରାବଣି ଛକ ନିକଟରେ ଏକ ଚିପ୍ସ ବୋଝେଇ ହାଇୱାରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହାଇୱାରେ ଥିବା ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆନନ୍ଦପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନି।

### ସଂକ୍ଷେପରେ

## ପୌରପାଳିକା ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ

ବାରିପଦା ଅଫିସ, ୨୯।୧-ବାରିପଦା ପୌରପାଳିକା ଯନ୍ତ୍ରୀଙ୍କ ବିରୋଧରେ ଜଣେ ମହିଳା କର୍ମଚାରୀ ଶନିବାର ସନ୍ଧ୍ୟାରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୬୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ପୌରପାଳିକା ଟିକେଟ କାଉଣ୍ଟରରେ ସେ ଟିକେଟ ବିକ୍ରି କରୁଥିଲେ। ଯନ୍ତ୍ରୀ ସନ୍ଧିକାଳ ଶତପଥୀ ଟିକେଟ କହି ଛଡ଼ାଇ ନେଇ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ସେ ଏନେଇ ସଙ୍ଗେ ସଙ୍ଗେ ଭାରପ୍ରାପ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଶନିବାର କାର୍ଯ୍ୟରେ ଯୋଗ ନ ଦେଇ ଛୁଟିରେ ରହିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏ ସମ୍ପର୍କରେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ନଦୀରୁ ମିଳିଲା ଅଖାରେ ଭର୍ତ୍ତି ମୃତଦେହ

ଯୋଡ଼ା,୨୯।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାସୁଦେବପୁର ବୈତରଣୀ ନଦୀରୁ ଶୁକ୍ରବାର ଏକ ଅଖାରେ ଭର୍ତ୍ତି ବୃଦ୍ଧାଙ୍କ ମୃତଦେହ ମିଳିଛି। ମୃତକ ହେଲେ ଚମ୍ପୁଆ ଥାନା ଧୋବାକୁଚୁଡା ଗାଁର ମଲ୍ଲୀ ନାଏକ (୭୨)। ମୃତକଙ୍କ ସମ୍ପର୍କୀୟଙ୍କ ଠାରୁ ଖବର ପାଇବା ପରେ ଯୋଡ଼ା ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗର ସହାୟତାରେ ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୃତକ ମଲ୍ଲୀଙ୍କ ପୁତୁରା ଦିଲୀପଙ୍କ କହିଛନ୍ତି ଯେ, ପିଉସୀ ମଲ୍ଲୀ ସମ୍ପର୍କୀୟ ନାତି ଓ ନାତୁଣୀ ବୋହୁଙ୍କ ସହ ଏକ ଭଡ଼ା ଘରେ ରହିଆସୁଥିଲେ। ତେବେ ଗତ ମଙ୍ଗଳ ବାର ଠାରୁ ସେ ନିଖୋଜ ଥିଲେ । ତେବେ ଏହା ଏକ ହତ୍ୟା କାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

## ପୋଲ ତଳକୁ ଖସିଲା ସ୍କର୍ପିଓ, ୪ଗୁରୁତର

ବାରିପଦା ଅଫିସ,୨୯।୧-ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ହଳଦୀପାଳସ୍ଥିତ ବନ୍ଧ ରାସ୍ତାରୁ ଶନିବାର ସକାଳେ ଭାରସାମ୍ୟ ହରାଇ ପୋଲ ତଳକୁ ଏକ ସ୍କର୍ପିଓ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ୭ଜଣଙ୍କ ମଧ୍ୟରୁ ୪ଜଣ ଗୁରୁତର ଆହତ ହୋଇ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାଜରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଛନ୍ତି। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି । ସୂଚନା ଅନୁଯାୟୀ, ବିହାର ରାଜ୍ୟରୁ ଏକ ସ୍କର୍ପିଓ ଯୋଗେ ମୋରଡା ଦେଇ ଦୀଘାକୁ ଯାଉଥିବା ବେଳେ ଅଣଓସାରିଆ ରାସ୍ତାରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୨୯।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ରଘୁବେଡା ଘାଟି ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁମୁଣ୍ଡା ଗ୍ରାମର ତାପସ କୁମାର ମହାନ୍ତ। ସେ ନିଜ ବାଇକ୍ ଯୋଗେ ଢେଙ୍କିକୋଟ ସାପ୍ତାହିକ ହାଟରୁ ଘରକୁ ଫେରୁଥିଲେ। ରଘୁବେଡା ଗହମ ବନ୍ଧ ଘାଟି ରାସ୍ତା ନିକଟରେ ଭରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏ ନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

## ୨୩୭ ଅତି ସମ୍ବେଦନଶୀଳ ବୁଥ୍

କେନ୍ଦୁଝର, ୨୯।୧ (ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି । ବିଶେଷ କରି ଅବାଧ, ଭୟମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଭୋଟ ଗ୍ରହଣ କେନ୍ଦ୍ର ଗୁଡିକର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯାଉଛି । ଏଥି ନିମନ୍ତେ ପୋଲିସ ବିଭାଗ ପକ୍ଷରୁ ଅତି ସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ଜିଲାର ସମୁଦାୟ ୩୭୫୪ ବୁଥ୍ ମଧ୍ୟରୁ ୨୩୭ ବୁଥ୍ ଅତି ସମ୍ବେଦନଶୀଳ ଥିବାବେଳେ ୩୫୫ ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି। ଜିଲାରେ ରହିଥିବା ଅତି ସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍‌ରେ ନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜଣାପଡିଛି।

# କିଚେନ ଗାର୍ଡେନ ନାଁରେ ଅର୍ଥ ଆତ୍ମସାତ୍

ଭଦ୍ରକ ଅଫିସ,୨୯।୧



ରକ୍ଷଣାବେକ୍ଷଣ ହେଉ ନ ଥିବା କିଚେନ ଗାର୍ଡେନ।

ଭଦ୍ରକ ଜିଲାରେ କିଚେନ ଗାର୍ଡେନ ପ୍ରତିଷ୍ଠା ନାଁରେ ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ଗାର୍ଡେନ ପ୍ରତିଷ୍ଠା ନ କରି କିମ୍ବା ନାଁକୁ ମାତ୍ର ଗାର୍ଡେନ କରି ଅନୁଦାନ ଟଙ୍କା ଆତ୍ମସାତ୍ କରାଯାଇଛି। ଜିଲାରେ କିଚେନ ଗାର୍ଡେନ ଆରମ୍ଭ ହେଉ ହେଉ ମାଡ଼ି ଆସିଲା କୋଭିଡ୍ ମହାମାରୀ। ସ୍କୁଲ, କଲେଜ ବନ୍ଦ ହେବା ସହ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ମଧ୍ୟ ବନ୍ଦ ହୋଇଗଲା। ସ୍କୁଲ ବନ୍ଦ ହେବାକୁ ଏହାମଧ୍ୟରେ ପ୍ରାୟ ଦୁଇବର୍ଷ ବିତିଯାଇଛି। ପିଲାଙ୍କୁ ରନ୍ଧାଖାଦ୍ୟ ବଦଳରେ ଚାଉଳ ଏବଂ ଟଙ୍କା ଯୋଗାଇ ଦିଆଯାଉଛି। ତେବେ ଏଭଳି ସ୍ଥିତିରେ ଲକ୍ଷାଧିକ ଟଙ୍କା ବିନିମୟରେ କରାଯାଇଥିବା କିଚେନ ଗାର୍ଡେନର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଅଧିକ ପୁଷ୍ଟିକର ଖାଦ୍ୟ ପାଇଁ ୨୦୧୮ରେ ସରକାର କିଚେନ ଗାର୍ଡେନ ଯୋଜନା ଆରମ୍ଭ କରିଥିଲେ। ଭିତ୍ତିଭୂମି ରହିଥିବା ସ୍କୁଲଗୁଡ଼ିକରେ କୃଷି, ପଞ୍ଚାୟତିରାଜ ଓ ଆଉ କିଛି ଲାଇନ ଡିପାର୍ଟମେଣ୍ଟ ସହାୟତାରେ କଦଳୀ, ଅମୃତଭଣ୍ଡା, ଲେମ୍ବୁ, ଋତୁ ଅନୁଯାୟୀ ପନିପରିବା ଏବଂ ନଡ଼ିଆ ଭଳି ଦୀର୍ଘମିଆଦି ଫଳ ଚାଷ କରି ପିଲାଙ୍କ ଖାଦ୍ୟରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଉପରେ ଏହାର ତଦାରଖ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ତଦନୁଯାୟୀ ସରକାରଙ୍କ ପକ୍ଷରୁ ସ୍କୁଲ ପିଛା ୫ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରାଯାଇଥିଲା। କିଚେନ ଗାର୍ଡେନ ପାଇଁ ଆବଶ୍ୟକ ମଞ୍ଜି, ଚାରା, ଖତ ସାର କୃଷି ଏବଂ ଉଦ୍ୟାନ ବିଭାଗ, ଜଳ ଯୋଗାଣ ଲାଗି ରାଜ୍ୟ ସରକାରଙ୍କ ଆଉ କିଛି ଡିପାର୍ଟମେଣ୍ଟକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଜିଲାର ଅନେକ ସ୍କୁଲରେ କିଚେନ ଗାର୍ଡେନ ନାଁରେ କିଛି କଦଳୀ ଏବଂ ଅମୃତଭଣ୍ଡା ଗଛ ଲଗାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି।

ଜିଲା ଶିକ୍ଷା ବିଭାଗ ସୂଚନା ଅନୁଯାୟୀ, ଜିଲାରେ କିଚେନ ଗାର୍ଡେନ କରିବାକୁ ୧୫୨୧ ସ୍କୁଲକୁ ୫ ହଜାର ଲେଖାଏ ମୋଟ ୭୬ ଲକ୍ଷ ୫ ହଜାର ଟଙ୍କା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଥିଲା। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଥିବା ୧୭୭୪ ବିଦ୍ୟାଳୟ ମଧ୍ୟରୁ କିଚେନ ଗାର୍ଡେନ ଭିତ୍ତିଭୂମି ରହିଛି ବୋଲି କୁହାଯାଉଥିବା ୧୫୨୧ ବିଦ୍ୟାଳୟକୁ ଅନୁଦାନ ଯୋଗାଇ ଦିଆଯାଇଥିଲା। ସରକାରୀ ଟଙ୍କା ସୁବିନିଯୋଗ ହେଉଛି କି ନାହିଁ ଉପରିସ୍ଥ ଅଧିକାରୀ ତଦାରଖ କରୁ ନ ଥିବାରୁ ଏଭଳି ଘଟଣା ଘଟୁଥିବା ଆଇନଜୀବୀ ଗଦାଧର ବଳ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲାଗି ଏହି ଯୋଜନା ଉତ୍କୃଷ୍ଟ ମାଧ୍ୟମ। ଏଥିରେ କିଛି ସ୍ଥାନରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ଆସିଛି। ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରାଯିବ। ବ୍ୟତିକ୍ରମ ଥିଲେ ସ୍କୁଲ କର୍ତ୍ତୃପକ୍ଷ ଏଥିପାଇଁ ଦାୟୀ ରହିବେ।

## ମା' ବଗଳାଦେବୀଙ୍କ ବଡ଼ସିଂହାର ବେଶ

ବାଲେଶ୍ୱର ଅଫିସ, ୨୯।୧

### ଦର୍ଶନ କଲେ ଶତାଧିକ ଶ୍ରଦ୍ଧାଳୁ

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାଠାରେ ତ୍ରିଦିବସାତ୍ମକ ମା' ବଗଳାଦେବୀଙ୍କ ଜନ୍ମୋତ୍ସବ ଏବଂ ଶ୍ରୀ ପିଠାଧୀଶ ସିଦ୍ଧ ମହାଶକ୍ତି ପୀଠର ନବମ ବାର୍ଷିକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୋଭିଡ୍ କଟକଣା ଅନୁଯାୟୀ ପୀଠ ପକ୍ଷରୁ ଏହି ଉତ୍ସବ ନିରାଡ଼ମ୍ବର ଭାବେ ପାଳନ ହୋଇଥିଲା। କେବଳ ପୀଠ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀ ଓ ଅନ୍ୟ ଦେବାଦେବୀଙ୍କ ଅଭିଷେକ ଓ ଅର୍ଚ୍ଚନା ସହିତ ଯଜ୍ଞାଦିକର୍ମ ଅନୁଷ୍ଠିତ ହେଉଛି । ପ୍ରତ୍ୟେକବର୍ଷ ଆୟୋଜିତ ସାମୂହିକ ଘଟୋତ୍ତୋଳନ ଓ କଳସ ଶୋଭାଯାତ୍ରାକୁ ଚଳିତବର୍ଷ ବାତିଲ କରାଯାଇଥିବା ପୀଠ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରଦ୍ଧାଳୁ ଓ ମାନସିକଧାରୀମାନେ ପର୍ଯ୍ୟାୟକ୍ରମରେ ପୀଠକୁ ଆସି ବ୍ରତୀ ଭାବେ ସଂକଳ୍ପିତ ହୋଇ ନିଜ ନିଜ ଘଟ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ମୁଖ୍ୟ ସଂକଳ୍ପିତମାନେ ସରସ୍ୱତୀପୁର ଗାଁ ପୁଷ୍କରିଣୀ ଘାଟରେ ପୂଜାର୍ଚ୍ଚନା ସହ ଘଟ ଉତ୍ତୋଳନ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ମା' ବଗଳାମୁଖୀଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ମା'ଙ୍କର ଏହି ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଥିଲେ। ଶନିବାର ଓ ରବିବାର ମା'ଙ୍କୁ ବିଶେଷ ରାତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶେଷଦିନ ମହାମୃତ୍ୟୁଞ୍ଜୟଙ୍କର ଜଳାଭିଷେକ, ଦୁଗ୍ଧାଭିଷେକ, ଦଧ୍ୟାଭିଷେକ, ଘୃତ୍ୟାଭିଷେକ, ଶର୍କରାଭିଷେକ ସମେତ ହରିଦ୍ରାଭିଷେକ, କୁଙ୍କୁମାଭିଷେକ ପରେ ରାଜବେଶ କରାଯିବ ବୋଲି ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ ସୂଚନା ଦେଇଛନ୍ତି। ତେବେ ରବିବାର ରନ୍ତା ଚତୁର୍ଦ୍ଦଶୀ ତିଥିରେ ମା' ବଗଳାମୁଖୀଙ୍କ ଜନ୍ମଦିବସ ପାଳନ ହେବ।



ମା' ବଗଳାଦେବୀଙ୍କ ବଡ଼ସିଂହାର ବେଶ।

# ବାଲି ସଇରାତକୁ ନେଇ ବିବାଦ

ବାରିପଦା ଅଫିସ,୨୯।୧

### ମରଣାନ୍ତକ ଆକ୍ରମଣ: ୪ ଗିରଫ

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ଆରପଟା ବାଲି ସଇରାତକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ ପିଛା ଛାଡୁନାହିଁ। ଗୋଟିଏ ଗୋଷ୍ଠୀ ପକ୍ଷରୁ ଲିଜ୍‌ଧାରୀ ପ୍ରଦୀପ କୁମାର ବିନ୍ଧାଣୀଙ୍କୁ ତହସିଲ କାର୍ଯ୍ୟାଳୟରୁ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ପ୍ରଦୀପଙ୍କ ସ୍ତ୍ରୀ ରଶ୍ମିତା ବିନ୍ଧାଣୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୩୦/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଲପାଳ ଗ୍ରାମର ଅମୀର କୁମାର ନାୟକ, ସୁଶାନ୍ତ କୁମାର ନାୟକ, ରିଙ୍କୁ ନାୟକ ଓ ସପନ କୁମାର ଘୋଷ।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ପ୍ରଦୀପ ତହସିଲ କାର୍ଯ୍ୟାଳୟରେ ପହଞ୍ଚି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଆସି ତାଙ୍କୁ ବଳପୂର୍ବକ ଉଠାଇ ନେଇ ଏକ ବୋଲେରୋରେ ପଶ୍ଚିମବଙ୍ଗ ବୋହଡାଗୁଡା ଅଞ୍ଚଳକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପ୍ରଦୀପଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କ ପାଖରେ ଥିବା ୩୦ ହଜାର ଟଙ୍କା, ସୁନାମୁଦି ଓ ଚେନ୍ ଛଡ଼ାଇ ନେଇଥିଲେ। ବନ୍ଧୁକ ମୁନରେ ଧମକ ଦେଇ ବାଲିଘାଟ ପର୍‌ମିଟ ଅନ୍ୟ ଗୋଷ୍ଠୀକୁ ନ ଦେବା ପାଇଁ ଲିଖିତ ଭାବେ ରାଜିନାମା କରାଇଛନ୍ତି। ଘଟଣା ପ୍ରଘଟ ହେବା ପରେ ପୋଲିସ ଅନୁସନ୍ଧାନ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ସନ୍ଧ୍ୟାରେ ଛାଡ଼ି ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଉପସ୍ଥିତିରେ ୫୦ରୁ ଅଧିକ ଲୋକ ଥାନାରେ ପାଟିତୁଣ୍ଡ କରିଥିଲେ ହେଁ ପୋଲିସର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଥିଲା। ଅନ୍ୟପଟେ ଘଟଣାର ସତ୍ୟତା ନ ଥିବା ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

ସୋର, ୨୯।୧(ଡି.ଏନ୍.ଏ.)

ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରୁ ସାପ କାମୁଡ଼ାରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସୋରଠାରେ ତାଙ୍କର ମୃତ୍ୟୁ ହୋଇଛି। ବାରିପଦା ସଦର ଥାନା ଶାଳବଣି ଗ୍ରାମର ମହେନ୍ଦ୍ର ସିଂଙ୍କ ପୁଅ ନନ୍ଦ କିଶୋର ସିଂ(୩୨) ଗତ ୨୫ ତାରିଖରେ ବିଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ତାଙ୍କର ଅବସ୍ଥା ଗୁରୁତର ହୋଇପଡିଥିଲା। ଶନିବାର ସକାଳେ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରାଯାଇଥିଲା। ସୋର ନିକଟରେ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୩୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ଜଳେଶ୍ୱର/ବୈଶିଙ୍ଗା, ୨୯।୧(ଡି.ଏନ.ଏ.)

### ମହିଳାଙ୍କ ସମେତ ୩ ଗିରଫ

ବାଲେଶ୍ୱର ଜିଲା ଜଳେଶ୍ୱର ସହରରେ ପୋଲିସ ଚଢାଉ କରି ୩୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେକ୍ ରସିଦ୍, ଇସମାଇଲ ଖାଁ ଓ ସାଇନାଜ ବିବି। ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶରୁ ବ୍ରାଉନ୍‌ସୁଗାର ପଶ୍ଚିମବଙ୍ଗ ଦେଇ ସିଧା ଓଡିଶାର ଜଳେଶ୍ୱରରେ ପହଞ୍ଚିଥାଏ। ଜଳେଶ୍ୱରର କେତେକ ସ୍ଥାନରେ ଏହାକୁ ମହଜୁଦ୍ ରଖି ରାଜ୍ୟର ବିଭିନ୍ନ ସ୍ଥାନକୁ ର୍‍ୟାକେଟ ଜରିଆରେ ପଠାଯାଇଥାଏ । ଅନେକ ସମୟରେ ପୋଲିସ, ଏସ୍‌ଟିଏଫ କିମ୍ବା ଅବକାରୀ ବିଭାଗ ଧରୁଥିବା ବେଳେ ଏପର୍ଯ୍ୟନ୍ତ ପ୍ରକୃତ କିଙ୍ଗପିନ୍‌ଙ୍କୁ ଧରିବାରେ ପ୍ରଶାସନ ସଫଳ ହୋଇନାହିଁ । ସ୍ଥାନୀୟ ପୋଲିସ୍ ନିଶା ବ୍ୟବସାୟୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିବା ବେଳେ ବିଳମ୍ବିତ ରାତିରେ ଜଳେଶ୍ୱରରୁ ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାଇପୁର ଅଞ୍ଚଳକୁ ସେକ୍ ରସିଦ୍ ନାମକ ଯୁବକ ୩୫୦ ଗ୍ରାମର ବ୍ରାଉନ୍‌ସୁଗାର ଧରି ଯିବାବେଳେ ପୋଲିସ ଧରିବାରେ ସଫଳ ହୋଇଛି। ଏହାସହ ବ୍ରାଉନସୁଗାର ଯୋଗାଇଥିବା ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗାଁର ଇସ୍‌ମାଇଲ ଖାଁ ଓ ଶାସନବାର୍ଡ଼ ଗାଁର ସାଇନାଜ ବିବିଙ୍କୁ ପୋଲିସ୍ ଗିରଫ କରିଛି।

# ନିର୍ବାଚନ ପରିଚାଳନା ନେଇ ପ୍ରଶିକ୍ଷଣ




ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟ ଅଧିକାରୀ।

ଭଦ୍ରକ ଅଫିସ, ୨୯।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ଶନିବାର ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ମାଷ୍ଟ୍ରର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ତ୍ରିଲୋଚନ ମାଝି ନିର୍ବାଚନ କାର୍ଯ୍ୟର ସମସ୍ତ ପର୍ଯ୍ୟାୟ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏପିଡି କୁଶଳ ଚନ୍ଦ୍ର ନାଏକ, ଉପଜିଲାପାଳ ମନୋଜ ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ ପ୍ରମୁଖ ଯୋଗ ଦେଇଥିଲେ। କୋଭିଡ୍ ନିୟମାବଳୀର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା ଓ ଭୋଟ ଗ୍ରହଣ ନେଇ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରିଜାଇଡିଂ, ପୋଲିଂ ଅଧିକାରୀ, ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ, ଭୋଟ୍‌ଗ୍ରହଣ ପ୍ରକ୍ରିୟା, ଭୋଟ ବାକ୍ସର ଠିକ୍ ବ୍ୟବହାର, ମତଦାନ ପରେ ଭୋଟ୍ ବାକ୍ସକୁ ସିଲ୍ ଆଦି ବିଷୟରେ ବୁଝାଇ ଦିଆଯିବା ସହ ଡେମୋ ପ୍ରଦର୍ଶନ କରାଯାଇଥିଲା।

ସେହିପରି ଭୋଟ୍ ଗ୍ରହଣ ପୂର୍ବରୁ ପ୍ରସ୍ତୁତି, ପୋଲିଂ ଏଜେଣ୍ଟ ଉପସ୍ଥିତିରେ ଭୋଟବାକ୍ସ ଓ ବାଲଟ ପେପରକୁ ଠିକ୍ ଢଙ୍ଗରେ ପ୍ରସ୍ତୁତ କରାଯିବା, ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ବାଲଟ ପେପର ଆଦି ଆନୁଷଙ୍ଗିକ ସମ୍ବନ୍ଧରେ ତାଲିମ ଦିଆଯାଇଛି। ଏଠାରେ ପ୍ରଶିକ୍ଷଣ ନେଇଥିବା ମାଷ୍ଟର ଟ୍ରେନରମାନେ ବ୍ଲକ ସ୍ତରରେ ମାଷ୍ଟର ଟ୍ରେନର, ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର ପ୍ରମୁଖ ତାଲିମ ପ୍ରଦାନ କରିବେ। ସମସ୍ତ ବିଡିଓ, ଏବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ଜିପିଓ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳକ ନିଖୋଜ ଅଭିଯୋଗ

କୁଆମରା, ୨୯।୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଆମରା ଫାଣ୍ଡି ଅଞ୍ଚଳର ଜଣେ ନାବାଳକ ନିଖୋଜ ନେଇ ଅଭିଯୋଗ ହୋଇଛି। ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି ଯେ, ନାବାଳକ ଗତ ୨୦ ତାରିଖ ଅପରାହ୍ନରେ ତାଙ୍କ ପାଖକୁ ଭଦ୍ରକ ଯିବା ପାଇଁ ଏକ ଘରୋଇ ବସ୍‌ରେ କୁଆମରାରୁ ବୈଶିଙ୍ଗା ଯାଇଥିଲେ। ସେଠାରୁ ଭଦ୍ରକ ଯିବାକୁ ଅନ୍ୟ ଏକ ବସ୍‌ରେ ମଧ୍ୟ ଟିକେଟ କରିଥିଲେ। କିନ୍ତୁ ଦୁଇଦିନ ବିତିଯିବା ପରେ ମଧ୍ୟ ସେ ତାଙ୍କ ଘରେ ପହଞ୍ଚି ନ ଥିଲେ। ଏପରିକି ସେ ନେଇଥିବା ମୋବାଇଲ ସେହିଦିନଠାରୁ ସୁଇଚ୍ ଅଫ୍ ରହିଛି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ମିଳି ନାହିଁ। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ



ଅନ୍ୟ ଦଳର କର୍ମୀଙ୍କ ସହ ବିଜେଡି କର୍ମକର୍ତ୍ତା।

ଭଣ୍ଡାରିପୋଖରୀ, ୨୯।୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତରେ ସଭାପତି ଦୟାନିଧି ପଣ୍ଡାଙ୍କ ସଂଯୋଜନାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୫ ପରିବାର ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ଉପସଭାପତି ପ୍ରଣୀତକାନ୍ତି ସାମଲ ଦଳୀୟ ଉତ୍ତରୀୟ ଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଇ ଜିତାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଜେଡି ନେତା ରଥ ଦାସ, ରାଜେନ୍ଦ୍ର ଖଣ୍ଡାଇ, ନାରାୟଣ ଦାସ, ସରପଞ୍ଚ ପ୍ରାର୍ଥୀ ଧନେଶ୍ୱର ଖୁଣ୍ଟିଆ, ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪୫୫ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

ବାଲେଶ୍ୱର ଅଫିସ, ୨୯।୧

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

ବାଲେଶ୍ୱର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲାପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ଼ମେମ୍ବର ପ୍ରାର୍ଥୀ ପାଇଁ ଜିଲାରେ ମୋଟ୍ ୧୨,୯୮୨ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେଥିମଧ୍ୟରୁ ୨ ସରପଞ୍ଚ, ୩ ସମିତିସଭ୍ୟ, ୪୫୦ ୱାର୍ଡ଼ମେମ୍ବର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଖଇରା ବ୍ଲକର ବର୍ତ୍ତନା ଓ ବରଦା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ବେଳେ ଭୋଗରାଇ ବ୍ଲକ ନହରା ପଞ୍ଚାୟତ, ରେମୁଣା ବ୍ଲକ ତୁଣ୍ଡୁରା ପଞ୍ଚାୟତ ଓ ବସ୍ତା ବ୍ଲକ କାଦରାୟାଁ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସେହିପରି ସୋର ବ୍ଲକରେ ୫୭, ସିମୁଳିଆ ବ୍ଲକରେ ୩୯, ସଦର ବ୍ଲକର ୪୫, ଜଳେଶ୍ୱର ବ୍ଲକରେ ୪୭, ନୀଳଗିରି ବ୍ଲକରେ ୫୦, ବାଲିଆପାଳ ବ୍ଲକରେ ୩୨, ଭୋଗରାଇ ବ୍ଲକରେ ୭୦, ଔପଦା ବ୍ଲକରେ ୧୪, ରେମୁଣା ବ୍ଲକରେ ୩୯, ବସ୍ତା ବ୍ଲକରେ ୪୩, ଖଇରା ବ୍ଲକରେ ୮୮ ଓ ବାହାନଗା ବ୍ଲକରେ ୨୬ ୱାର୍ଡ଼ର ୱାର୍ଡ଼ମେମ୍ବରମାନେ ମଧ୍ୟ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି।

ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲାରେ ମୋଟ୍ ୧୨,୯୮୨ ପ୍ରାର୍ଥୀ ଏବେ ମଇଦାନରେ ଅଛନ୍ତି। ମୋଟ୍ ୧୬ଲକ୍ଷ ୯୨ହଜାର ୨୯୨ ଭୋଟର ଆସନ୍ତା ଫେବୃୟାରୀ ୧୬ରୁ ୨୪ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ମତଦାନ ସାବ୍ୟସ୍ତ କରିବେ।

# ଇକଡାରେ ନିର୍ମାଣ ହେଲା ବାଉଁଶପୋଲ

ଜଳେଶ୍ୱର, ୨୯।୧(ଡି.ଏନ.ଏ.)



ନିର୍ମାଣ ହୋଇଥିବା ବାଉଁଶପୋଲ।

### ଶୁଣିଲେନି ଲୋକପ୍ରତିନିଧି କି ପ୍ରଶାସନ

ଘରୁ ପଦାକୁ ଗୋଡ଼ କାଢ଼ିଲେ ପାରି ହେବାକୁ ପଡ଼େ ଏକ ଲମ୍ବା ନାଳ। ଦୈନନ୍ଦିନ ବିଲକାମ, ସ୍କୁଲ, ଅଙ୍ଗନୱାଡ଼ି, ବଜାରକୁ ଗଲେ ଏହି ନାଳ ପାରି ହେବାକୁ ପଡ଼େ। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖାଲିନା ପଞ୍ଚାୟତ ଇକଡ଼ା ଗାଁର ହରିଜନ ସାହିର ଲୋକମାନେ କାହିଁ କେଉଁକାଳରୁ ପ୍ରାୟ ୨୦୦ ଫୁଟ ଲମ୍ବର ନାଳ ପାରି ହେବାକୁ ୨ଖଣ୍ଡ ବାଉଁଶ ଥିଲା ଏକମାତ୍ର ଭରସା। ଏହି ସାହିରେ ପ୍ରାୟ ୧୪/୧୫ ହରିଜନ ପରିବାର ବାସ କରୁଥିବା ବେଳେ ନିକଟରେ ରହିଥିବା ଏକ କଂକ୍ରିଟ ରାସ୍ତାକୁ ଯାତାୟାତ ଲାଗି ହଇରାଣ ହୋଇ ଆସୁଥିଲେ। ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇପାରି ନ ଥିଲା। ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରସାରଣ ହେବା ପରେ ଦିଲ୍ଲୀର ଗୁଞ୍ଜ ନାମକ ଏକ ବେସରକାରୀ ସଂସ୍ଥା ଘଟଣାସ୍ଥଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିଥିଲା। ରୋଗୀ କିମ୍ବା ପ୍ରସୂତିଟିଏ ଡାକ୍ତରଖାନା ଯିବା ସମ୍ଭବ ହେଉ ନ ଥିବାରୁ ସଂସ୍ଥା ନିଜସ୍ୱ ପାଣ୍ଠିରେ ସ୍ଥାନୀୟ ସ୍ୱର୍ଣ୍ଣ ସଂସ୍ଥା ସହାୟତାରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ ଆରମ୍ଭ କରିଥିଲା। ଶନିବାର ଏହି ପୋଲକୁ ଗୁଞ୍ଜ ସଂସ୍ଥାର ଓଡିଶା ମୁଖ୍ୟ ସୁରେଶ କୁମାର ଉଦ୍‌ଘାଟନ କରି ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ଏହା ସହାୟକ ହେବ ବୋଲି କହିଥିଲେ। ଖବରଦାତା ଦିଲୀପ କୁମାର ଦାସ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ପ୍ରଧାନ, ବିରେନ କୁମାର ଦେ, ଅଭୟ କୁମାର ଦେ, ଦେବାଶିଷ ପାଢୀ, ପ୍ରଶାନ୍ତ ଧଳ, ସଞ୍ଜୟ ଧଳ, ଆଇନ୍‌ଜୀବୀ ଅଜିତ୍ କୁମାର ସୁର, ଅରୁଣ ସୁର, ରାଖାଲ ବେହେରା, ଅଧ୍ୟାପକ ପ୍ରଶାନ୍ତ ଧଳ, ଛାତ୍ରୀ ଚୁନି ଭୂୟାଁ, ନୟନ କୁମାର ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ ।

